# NATIONAL NEWS BULLETIN (ODIA)
## 21 August - 2026
## Evening Bulletin : 7.15 P.M.

*********************************

## ମୁଖ୍ୟ ସମ୍ବାଦ

- ମହାକାଶ ପ୍ରଯୁକ୍ତିର ପ୍ରୟୋଗ ମାଧ୍ୟମରେ ଜନସାଧାରଣଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିବା ଦିଗରେ ପ୍ରଚେଷ୍ଟା କରିବାକୁ  ଏହି କ୍ଷେତ୍ରର ଷ୍ଟାର୍ଟଅପ୍‌ଗୁଡ଼ିକୁ  ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ
- ଦେଶର ସୀମା ସୁରକ୍ଷା ଦାୟିତ୍ୱରେ ଥିବା ସେନାବାହିନୀର କଲ୍ୟାଣ ଉପରେ ସର୍ବୋଚ୍ଚ ପ୍ରାଥମିକତା ଦେଇ ସରକାର କାର୍ଯ୍ୟ କରୁଛନ୍ତି; କହିଲେ, ସ୍ୱରାଷ୍ଟ୍ରମନ୍ତ୍ରୀ
- ଦେଶରେ ପର୍ଯ୍ୟାପ୍ତ ପରିମାଣର ଚିନି ମହଜୁଦ ରହିଛି ଏବଂ ଏହାର ଉପଲବ୍ଧତା ଓ ଦର ସ୍ଥିରତା ବଜାୟ ରଖିବା ଦିଗରେ ଆବଶ୍ୟକ ପଦକ୍ଷେପ ନେଉଛନ୍ତି ସରକାର

ଏବଂ

- ବିଡବ୍ଲ୍ୟୁଏଫ୍ ବ୍ୟାଡମିଣ୍ଟନ ବିଶ୍ୱ ଚାମ୍ପିଅନ୍‌ସିପ୍‌ର ମହିଳା ଡବଲସ୍ ବର୍ଗରେ ଭାରତର ତ୍ରିଶା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦଙ୍କ ଯୋଡି ପ୍ରବେଶ କଲେ ସେମି ଫାଇନାଲରେ

# ପିଏମ୍-ଷ୍ଟାର୍ଟଅପ୍

ବିଭିନ୍ନ କ୍ଷେତ୍ରରେ ମହାକାଶ ପ୍ରଯୁକ୍ତିର ପ୍ରୟୋଗକୁ ବିସ୍ତାର କରିବା ସହିତ ଜନସାଧାରଣଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିବା ଲାଗି କାର୍ଯ୍ୟ କରିବା ପାଇଁ ମହାକାଶ ଷ୍ଟାର୍ଟଅପ୍‌ଗୁଡ଼ିକୁ  ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆହ୍ୱାନ ଦେଇଛନ୍ତି। ଆଜି ନୂଆଦିଲ୍ଲୀଠାରେ ୨୦ଟି ମହାକାଶ ଷ୍ଟାର୍ଟଅପ୍‌ର ପ୍ରତିଷ୍ଠାତା ଓ ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କ ସହିତ ଭାବ ବିନିମୟ ସମୟରେ ସେ ଏହା କହିଛନ୍ତି। ଏଥିସହିତ ମହାକାଶ ପ୍ରତିଭା ଓ ନିବେଶ କ୍ଷେତ୍ରରେ ଭାରତକୁ ବିଶ୍ୱସ୍ତରରେ ଏକ ଶକ୍ତିଶାଳୀ କେନ୍ଦ୍ର ରୂପେ ପରିଣତ କରିବା ଦିଗରେ ପ୍ରୟାସ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଶ୍ରୀ ମୋଦୀ କହିଛନ୍ତି, ଏହି କ୍ଷେତ୍ର ଦ୍ୱାରା ପ୍ରଦର୍ଶିତ ହୋଇଥିବା ଆତ୍ମବିଶ୍ୱାସ' ମହାକାଶ କ୍ଷେତ୍ରକୁ ଘରୋଇ କମ୍ପାନୀ ଗୁଡ଼ିକ ଲାଗି ଉନ୍ମୁକ୍ତ କରିବା ସଂପର୍କିତ ସରକାରଙ୍କ ନିଷ୍ପତ୍ତିକୁ ସଶକ୍ତ କରିପାରିଛି।

ଏ ସଂପର୍କରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ମହାକାଶ କ୍ଷେତ୍ରରେ କାର୍ଯ୍ୟରତ ଯୁବ ଶିଳ୍ପୋଦ୍ୟୋଗୀ ଓ ନବସୃଜକମାନଙ୍କ ସହିତ ଆଲୋଚନାକୁ ପ୍ରଧାନମନ୍ତ୍ରୀ ଅତ୍ୟନ୍ତ ଫଳପ୍ରଦ ବୋଲି ଅଭିହିତ କରିଛନ୍ତି।

ସେ କହିଛନ୍ତି, ଏହି ନୂତନ ତଥା ସମୟ ଆହ୍ୱାନ ରୂପେ ପରିଗଣିତ କ୍ଷେତ୍ରରେ ସାହସର ସହିତ ପ୍ରବେଶ କରି ଏହି ଶିଳ୍ପଦ୍ୟୋଗୀମାନେ ଅନେକ ବିପଦର ସଫଳତାର ସହିତ ମୁକାବିଲା କରିପାରିଛନ୍ତି। ଏହି କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ନିଆଯାଇଥିବା ସଂସ୍କାରମୂଳକ ପଦକ୍ଷେପରେ ବିଶ୍ୱାସ ରଖି

ନିଜର କଠୋର ଓ ନିରନ୍ତର ପ୍ରୟାସ ମାଧ୍ୟମରେ ଗତ କିଛି ବର୍ଷ ମଧ୍ୟରେ ସେମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏତଦ୍‌ବ୍ୟତୀତ କୃଷି, ପଶୁପାଳନ, ଦୁଗ୍ଧ ଉତ୍ପାଦନ, ପରିବେଶ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ କିଭଳି ମହାକାଶ ପ୍ରଯୁକ୍ତିବିଦ୍ୟାର ସଦ୍‌ଉପଯୋଗ କରାଯାଇପାରିବ ସେ ସମ୍ପର୍କରେ ସକାରାତ୍ମକ ପଦକ୍ଷେପ ନେବାକୁ ଏହି ଷ୍ଟାର୍ଟଅପ୍‌ଗୁଡ଼ିକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଭବିଷ୍ୟତରେ ଭାରତର କ୍ଷମତା ନିର୍ମାଣ କ୍ଷେତ୍ରରେ ମହାକାଶ ଷ୍ଟାର୍ଟଅପଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ଦୃଷ୍ଟିରୁ ସରକାର ସେମାନଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇଦେବେ ବୋଲି ଶ୍ରୀ ମୋଦୀ ସୁନିଶ୍ଚିତ କରିଛନ୍ତି। ଏହାଦ୍ୱାରା ଭାରତ ମହାକାଶ କ୍ଷେତ୍ରରେ  ଏକ ସଶକ୍ତ, ନବସୃଜନ ଚିନ୍ତାଧାରାରେ ପରିପୂର୍ଣ୍ଣ ତଥା ବ୍ୟବସାୟିକ ଦୃଷ୍ଟିକୋଣରୁ ସଫଳ ମଡେଲ ବିଶ୍ୱରେ ଉପସ୍ଥାପନ କରିବାରେ ସଫଳ ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି।

## ଅମିତ୍ ଶାହ

ବିଜେପି ସରକାରକେନ୍ଦ୍ରରେ କ୍ଷମତାସୀନ ହେବା ପରଠାରୁ ସୀମା ସୁରକ୍ଷା ଦାୟିତ୍ୱରେ ଥିବା ସେନାବାହିନୀର କଲ୍ୟାଣ ଉପରେ ସର୍ବୋଚ୍ଚ ପ୍ରାଥମିକତା ଦେଇ କାର୍ଯ୍ୟ କରୁଛନ୍ତି ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ କହିଛନ୍ତି। ଆଜି ପଶ୍ଚିମବଙ୍ଗର ସିଲିଗୁଡିସ୍ଥିତ ସଶସ୍ତ୍ର ସେନାବଳ-ଏସ୍‌ଏସ୍‌ବି'ର ମୁଖ୍ୟାଳୟରେ ୧୭୯ କୋଟି ଟଙ୍କା ବ୍ୟୟ ଅଟକଳରେ ବିଭିନ୍ନ କଲ୍ୟାଣକାରୀ ପ୍ରକଳ୍ପର

ଉଦ୍‌ଘାଟନ ଓ ଶିଳାନ୍ୟାସ କରିବା ଅବସରରେ ସେ ଏହା କହିଛନ୍ତି। ଯବାନ୍‌ମାନଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ଶାହ କହିଛନ୍ତି, ନେପାଳ ଓ ଭୁଟାନ ଭଳି ଦେଶଗୁଡ଼ିକ ସହିତ ଭାରତର ଉନ୍ମୁକ୍ତ ସୀମାକୁ ଜଗି ରହିବା ଭଳି ଆହ୍ୱାନମୂଳକ ଦାୟିତ୍ୱ ଏସ୍‌ଏସ୍‌ବି ନିର୍ବାହ କରୁଛି। ସିଲିଗୁଡ଼ି କରିଡର ଗୁରୁତ୍ୱକୁ ହୃଦୟଙ୍ଗମ କରି କେନ୍ଦ୍ର ସରକାର ଏହି ଅଂଚଳ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା ଲାଗି ବିବିଧ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ଶ୍ରୀ ଶାହ କହିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଶୁଭେନ୍ଦୁ ଅଧିକାରୀ  ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେବାପରେ ସୀମା ସୁରକ୍ଷା ପ୍ରସଙ୍ଗରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମଧ୍ୟରେ ସହଯୋଗ ବୃଦ୍ଧି ପାଇଛି।

ଏପରିକି, କାଗଜ କଲମରେ ସରକାରୀ ନିର୍ଦ୍ଦେଶ କାର୍ଯ୍ୟକାରୀ ହେବା ପୂର୍ବରୁ ଫୋନ୍ ମାଧ୍ୟମରେ ଅନେକ କାର୍ଯ୍ୟ ସମ୍ପନ୍ନ କରାଯାଇପାରୁଛି।  ପଶ୍ଚିମବଙ୍ଗରେ ଅନୁପ୍ରବେଶକୁ ରୋକିବା ଲାଗି ଇତିମଧ୍ୟରେ ବିସ୍ତୃତ ଆଲୋଚନା କରାଯିବା ସହିତ ଆବଶ୍ୟକ ପଦକ୍ଷେପ ନିଆଯାଇଛି ବୋଲି ଶ୍ରୀ ଶାହ କହିଛନ୍ତି। ଏ ଦିଗରେ ସରକାରଙ୍କ ପଦକ୍ଷେପ  ଉପରେ ଆଲୋକପାତ କରି ସ୍ୱରାଷ୍ଟ୍ରମନ୍ତ୍ରୀ କହିଛନ୍ତି.......

V/O-(Amit Shah)

**ସୁଗାର**

ଧାର୍ଯ୍ୟ ଲକ୍ଷ୍ୟଠାରୁ କମ୍ ପରିମାଣର ଚିନି ଉତ୍ପାଦନ ହୋଇଥିବା ସତ୍ତ୍ୱେ ଦେଶରେ ପର୍ଯ୍ୟାପ୍ତ ପରିମାଣର ଚିନି ମହଜୁଦ ରହିଛି; ଉପଭୋକ୍ତା ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତିରେ ଏହି ସୂଚନା ଦିଆଯାଇଛି। ମନ୍ତ୍ରଣାଳୟ କହିଛି, ଦେଶରେ ଚିନି ଦର ସମ୍ପ୍ରତି ବୃଦ୍ଧି ପାଇଥିବା ଦୃଷ୍ଟିରୁ ଏହାର ଦରରେ ସ୍ଥିରତା ବଜାୟ ରଖିବା ସହ ପର୍ଯ୍ୟାପ୍ତ ପରିମାଣରେ ଉପଲବ୍ଧ କରାଇବା ଦିଗରେ ସରକାର ଆବଶ୍ୟକ ପଦକ୍ଷେପ ନେଉଛନ୍ତି।

## ଅଶ୍ୱିନ ବୈଷ୍ଣବ

କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ନୂଆଦିଲ୍ଲୀଠାରେ ମୋବାଇଲ ଫୋନ୍ ବିନିର୍ମାଣ ଯୋଜନାର ଶୁଭାରମ୍ଭ କରିଛନ୍ତି। ଗତମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଏହି ଯୋଜନା ଅନୁମୋଦିତ ହୋଇଥିଲା । ଏଥିଲାଗି  ବଜେଟ୍‌ରେ ୬୨ ହଜାର ୫୦୦ କୋଟି ଟଙ୍କାର ପ୍ରସ୍ତାବ  ରହିଛି। ଏ ସଂପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ଗତ ଏପ୍ରିଲ ପହିଲାରୁ ଏହି ଯୋଜନା କାର୍ଯ୍ୟକାରୀ ହୋଇସାରିଛି।

୨୦୨୬-୨୭ ବର୍ଷରୁ ୨୦୩୦-୩୧ ବର୍ଷ ପର୍ଯ୍ୟନ୍ତ ଏହି ଯୋଜନା କାର୍ଯ୍ୟକାରୀ କରାଯିବ। ଘରୋଇ ଉତ୍ପାଦନ କ୍ଷମତାକୁ ସୁଦୃଢ଼ କରିବା ସହିତ ମୋବାଇଲ ବିନିର୍ମାଣ ଯୋଜନା ଶୃଙ୍ଖଳକୁ ଅଧିକ ସଶକ୍ତ କରିବା  ଏବଂ

ବିଶ୍ୱସ୍ତରରେ ଏ କ୍ଷେତ୍ରରେ ପ୍ରତିଦ୍ୱନ୍ଦିତାକୁ ସଫଳତାର ସହ ମୁକାବିଲା କରିବା ହେଉଛି ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ।

ଏହି ଯୋଜନା ଅଧୀନରେ ଭାରତୀୟ ବ୍ରାଣ୍ଡର ମୋବାଇଲ ନିର୍ମାଣ କରାଯିବା ସହିତ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି କରାଯିବ। ୨୦୨୫-୨୬- ଆର୍ଥିକବର୍ଷରେ ବାର୍ଷିକ ୧୦ ହଜାର କୋଟି ଟଙ୍କାର ବ୍ୟବସାୟ କରିଥିବା ଭାରତୀୟ ମୋବାଇଲ ଫୋନ୍ ନିର୍ମାଣକାରୀ କମ୍ପାନୀଗୁଡ଼ିକ ଏହି ଯୋଜନାରେ ପଞ୍ଜୀକୃତ ହୋଇପାରିବେ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି।

## ହରଦୀପ ସିଂପୁରୀ

ଭାରତ ଓ ମରିସସ୍ ଶକ୍ତି ସୁରକ୍ଷା ତଥା ନିରନ୍ତର ଓ ସ୍ୱଚ୍ଛ ଇନ୍ଧନ କ୍ଷେତ୍ରରେ ସହଯୋଗକୁ ଅଧିକ ସମ୍ପ୍ରସାରିତ କରିବା ଲାଗି ସମ୍ମତି ପ୍ରଦାନ କରିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପମନ୍ତ୍ରୀ ହରଦୀପ୍ ସିଂ ପୁରୀ ଏହି ସୂଚନା ଦେଇ କହିଛନ୍ତି, ବିଶେଷ କରି ଭବିଷ୍ୟତର ଶକ୍ତି ସୁରକ୍ଷା, ସ୍ୱଚ୍ଛ ଇନ୍ଧନ ଏବଂ ପେଟ୍ରୋଲିୟମ୍ ଉତ୍ପାଦ କ୍ଷେତ୍ରରେ ଭାଗିଦାରୀକୁ ଅଧିକ ସଶକ୍ତ କରିବା ଲାଗି ଉଭୟ ପକ୍ଷ କାର୍ଯ୍ୟ କରୁଛନ୍ତି। ଶ୍ରୀ ପୁରୀ କହିଛନ୍ତି, ବିଶ୍ୱ ଜୈବ ଇନ୍ଧନ ମେଣ୍ଟର ମରିସସ୍ ପ୍ରତିଷ୍ଠାତା ସଦସ୍ୟ ହୋଇଥିବା ଦୃଷ୍ଟିରୁ ମେଣ୍ଟର ସହାୟତାରେ ଜାତୀୟ ଜୈବ ଇନ୍ଧନ ନୀତି କାର୍ଯ୍ୟଖସଡା ପ୍ରସ୍ତୁତ କରିଛି। ଭାରତ ଓ ମରିସସ୍ ମଧ୍ୟରେ ସ୍ୱଚ୍ଛ

ଓ ନିରନ୍ତର ଇନ୍ଧନ କ୍ଷେତ୍ରରେ ସହଯୋଗକୁ ଅଧିକ ସଶକ୍ତ କରିବାରେ ଏହି କାର୍ଯ୍ୟଖସଡା ସହାୟକ ହେବ।

ଶୋଧିତ ପେଟ୍ରୋଲିୟମଜାତ ଉତ୍ପାଦଗୁଡ଼ିକର ରପ୍ତାନୀ କ୍ଷେତ୍ରରେ ଭାରତର ଅଗ୍ରଣୀ ଭୂମିକା ଉପରେ ଆଲୋକପାତ କରି ଶ୍ରୀ ପୁରୀ କହିଛନ୍ତି, ଦେଶର ସଶକ୍ତ ଶୋଧନ ପ୍ରକ୍ରିୟା ମାଧ୍ୟମରେ ଭାଗିଦାରୀ ରାଷ୍ଟ୍ରଗୁଡ଼ିକର ଶକ୍ତି ସୁରକ୍ଷା ସୁନିଶ୍ଚିତ କରିବା ଦିଗରେ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିନା ନିର୍ବାହ କରିବାରେ ସଫଳ ହୋଇଛି।

## ନାବିକ ସୁରକ୍ଷା-ଜୟସ୍ୱାଲ

ସରକାର’ ଭାରତୀୟ ନାବିକ ସମ୍ପ୍ରଦାୟଙ୍କର କଲ୍ୟାଣ ଓ ସୁରକ୍ଷା ଉପରେ ସର୍ବୋଚ୍ଚ ପ୍ରାଥମିକତା ଦେଇ କାର୍ଯ୍ୟ କରିବା ଦିଗରେ ନିଜର ପ୍ରତିବଦ୍ଧତା ଦୋହରାଇଛନ୍ତି। ଆଜି ନୂଆଦିଲ୍ଲୀଠାରେ ଗଣମାଧ୍ୟମକୁ ଏ ସଂପର୍କରେ ସୂଚନା ଦେଇ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ ଏହା କହିଛନ୍ତି। ସେ କହିଛନ୍ତି, ସମ୍ପ୍ରତି ପଶ୍ଚିମଏସିଆ ସ୍ଥିତି ଉପରେ ଭାରତ ନିରନ୍ତର ନଜର ରଖିଛି। ଦୁଇଟି ବିଦେଶୀ ପତାକା ବହନ କରୁଥିବା ଜାହାଜ ଘଟଣା ଉପରେ ନିଜ ପ୍ରତିକ୍ରିୟା ଦେଇ ଶ୍ରୀ ଜୟସ୍ୱାଲ କହିଛନ୍ତି, ସେଥିରେ ଥିବା ୨୨ ଜଣ ଯାକ ନାବିକ ସୁରକ୍ଷିତ ଅଛନ୍ତି। ସେମାନଙ୍କର ସୁରକ୍ଷା ଓ କଲ୍ୟାଣ ସୁନିଶ୍ଚିତ କରିବା ଦିଗରେ ସରକାର ସମ୍ପୃକ୍ତ ଅଧିକାରୀଙ୍କ ସହିତ ଯୋଗାଯୋଗରେ ଅଛନ୍ତି ବୋଲି ସେ କହିଛନ୍ତି।

ସେନାଧ୍ୟକ୍ଷ ଧୀରଜ ସେଠ୍‌ଙ୍କର  ନେପାଳ ଗସ୍ତ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ଜୟସ୍ୱାଲ କହିଛନ୍ତି,  ଏହି ଗସ୍ତ ଅବସରରେ ସେନାଧ୍ୟକ୍ଷଙ୍କୁ ଅନରାରୀ ଜେନେରାଲ ର୍‍ୟାଙ୍କ ପ୍ରଦାନ କରାଯିବ।

ଭାରତ-ନେପାଳ ଏବଂ ସେମାନଙ୍କର ସଶସ୍ତ୍ରବାହିନୀ ମଧ୍ୟରେ ଦୀର୍ଘଦିନର ବନ୍ଧୁତ୍ୱ ଏହାଦ୍ୱାରା ପ୍ରତିଫଳିତ ହେଉଛି ବୋଲି ସେ କହିଛନ୍ତି।

ସେହିଭଳି କେନ୍ଦ୍ର ସରକାରଙ୍କ ସଚିବ ଶ୍ରୀପ୍ରିୟା ରଙ୍ଗନାଥନଙ୍କର ପାଲେଷ୍ଟାଇନ୍ ଗସ୍ତ ସମ୍ପର୍କରେ ଏକ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ଜୟସ୍ୱାଲ କହିଛନ୍ତି, ଏହି ଗସ୍ତ ଅବସରରେ ପାଲେଷ୍ଟାଇନ୍‌ର ଏକ ବିଶ୍ୱସନୀୟ ଭାଗୀଦାରି ଭାବେ ଭାରତର ପ୍ରତିବଦ୍ଧତାକୁ  ସେ ସେଠାକାର ସରକାରଙ୍କୁ ଅବଗତ କରାଇବେ। ଏହାଛଡ଼ା ପାଲେଷ୍ଟାଇନ୍‌ବାସୀଙ୍କ ସ୍ୱାସ୍ଥ୍ୟ ଲାଗି ଆବଶ୍ୟକ ହେଉଥିବା ଜୀବନ ରକ୍ଷାକାରୀ ଔଷଧର ଏକ କନ୍‌ସାଇନ୍‌ମେଣ୍ଟ ମଧ୍ୟ ସଚିବ ଶ୍ରୀପ୍ରିୟା ରଙ୍ଗନାଥନ ସେଠାକାର କର୍ତ୍ତୃପକ୍ଷରୁ ହସ୍ତାନ୍ତର କରିବେ ବୋଲି ଶ୍ରୀ ଜୟସ୍ୱାଲ କହିଛନ୍ତି।

## ପ୍ରଣବ ପଟ୍ଟନାୟକ

ଓଡ଼ିଶାର ବିଶିଷ୍ଟ ସଂଗୀତଜ୍ଞ ପ୍ରଣବ ପଟ୍ଟନାୟକଙ୍କ ଆଜି ୮୮ ବର୍ଷ ବୟସରେ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ସଂଗୀତ ଓ ସିନେମା ଜଗତ ତଥା ରାଜ୍ୟରେ ଶୋକର ଛାୟା ଖେଳିଯାଇଛି। ପ୍ରଣବଙ୍କର ଓଡ଼ିଆ

ସିନେମା ଜଗତକୁ ଉଲ୍ଲେଖନୀୟ ଅବଦାନ ଲାଗି ତାଙ୍କୁ ସଂଗୀତ ନାଟକ ଏକାଡେମୀ ଓ ରାଜ୍ୟ ଚଳଚ୍ଚିତ୍ର ଏବଂ ଜୟଦେବ ପୁରସ୍କାରରେ ସମ୍ମାନିତ କରାଯାଇଛି।

୧୯୩୮ ମସିହା ଜାନୁୟାରୀ ମାସ ୨୦ ତାରିଖରେ ଜନ୍ମଗ୍ରହଣ କରିଥିବା ପ୍ରଣବ ପଟ୍ଟନାୟକ ପିଲାବେଳୁ ସଂଗୀତ ପ୍ରତି ଗଭୀର ରୁଚି ରଖୁଥିଲେ। ପିତା ଲାଲମୋହନ ପଟ୍ଟନାୟକଙ୍କଠାରୁ ପ୍ରେରଣା ପାଇବା ସହ ଗୁରୁ କୁନାଲ ଆଦିନାରାୟଣ ରାଓଙ୍କଠାରୁ ସେ ସଂଗୀତ ଶିକ୍ଷା ଗ୍ରହଣ କରିଥିଲେ। ଆକାଶବାଣୀ କଟକ କେନ୍ଦ୍ରର ଜଣେ କଳାକାର ଭାବେ ସେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପରେ ଦୀର୍ଘ ସଂଗୀତ ଯାତ୍ରାରେ ପ୍ରଣବ ଓଡ଼ିଆ ସିନେମା, ଭଜନ, ଓଡିଶୀ, ଗଜଲ ଓ ସେମି କ୍ଲାସିକାଲ ସଂଗୀତ କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ଛାପ ଛାଡି ଯାଇଛନ୍ତି।

## ବ୍ୟାଡମିଣ୍ଟନ

ବିଡବ୍ଲ୍ୟୁଏଫ୍ ବ୍ୟାଡମିଣ୍ଟନ ବିଶ୍ୱ ଚାମ୍ପିଅନସିପ୍‌ର ମହିଳା ଡବଲସ୍ ବର୍ଗରେ ଭାରତର ତ୍ରିଶା ଜୋଲି ଓ ଗାୟନ୍ତ୍ରୀ ଗୋପୀଚାନ୍ଦଙ୍କ ଯୋଡି ସେମି ଫାଇନାଲରେ ପ୍ରବେଶ କରିଛନ୍ତି। ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଇଣ୍ଡୋର ଷ୍ଟାଡିୟମ୍‌ରେ ଅନୁଷ୍ଠିତ କ୍ୱାଟର ଫାଇନାଲରେ ଏହି ଯୋଡି ଚୀନ୍‌ର ଜିଆ-ୟି-ଫାନ୍ ଓ ଝାଙ୍ଗ ସୁ ଜିୟାନ୍‌ଙ୍କ ଯୋଡିକୁ ୧୬-୨୧, ୨୧-୧୫ ଓ ୨୧-୧୩

ସେଟ୍‌ରେ ପରାସ୍ତ କରିଛନ୍ତି। ତ୍ରିଶା-ଗାୟତ୍ରୀ ଯୋଡି ଆସନ୍ତାକାଲି ସେମିଫାଇନାଲରେ ଲିୟୁ ସେଙ୍ଗ-ସୁ ଏବଂ ତାନ୍ ନିଙ୍ଗ ଯୋଡିକୁ ଭେଟିବେ।

ଇତିମଧ୍ୟରେ ମେନ୍ସ ଡବଲସ୍ ଯୋଡିରେ ଭାରତର ସାତ୍ତ୍ୱିକ ସାଇରାଜ ରାଙ୍କି ରେଡି ଓ ଚିରାଗ ସେଟୀଙ୍କ ଯୋଡି ପ୍ରି-କ୍ୱାଟର ଫାଇନାଲରେ ମାଲେସିୟାର ଜୁନାଇଦି ଆରିଫ୍ ଓ ରୟେ କିଙ୍ଗ ୟାକ୍ ଯୋଡିକୁ ପରାସ୍ତ କରି ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ଏହି ପର୍ଯ୍ୟାୟରେ ସାତ୍ତ୍ୱିକ୍ ସାଇରାଜ ଓ ଚିରାଗଙ୍କ ଯୋଡି ଚୀନ୍‌ର ଲିଆନ୍ ୱିକେଙ୍ଗ ଓ ୱାଙ୍ଗଚାଙ୍ଗଙ୍କ ଯୋଡିକୁ ଭେଟିବେ।